# Akashvani, Sambalpur

## SAMBALPURI NEWS BULLETIN

### 10 August 2024- 6.47- 6.52 am.

************************************************

କେବିନେଟ୍ କମିଟି ବୈଠକ ଆର୍ଏନ୍ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆର୍ଥିକ୍ ବ୍ୟାପାର୍ ବାବଦ୍ କେବିନେଟ୍ କମିଟି ବୈଠକ୍‌ଥି ଓଡ଼ିଶା ସହେତେ ଦେଶର୍ ୭ ଟା ରାଜ୍ୟର୍ ପାଖାପାଖି ୨୪ ହଜାର୍ ୬ ଶହ ୫୭ କୋଟି ଟଙ୍କା ବ୍ୟୟ ଅଟକଳର ୮ ଟା ନୂଆଁ ରେଲ୍‌ଲାଇନ୍ ପ୍ରକଳ୍ପକେ ମଞ୍ଜୁରୀ ଦିଆଯାଇଛେ । ବୈଠକ୍ ଉତ୍‌ରୁ ରେଲ୍ ଆର୍ ସୂଚନା ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍ ଯେ, ଓଡ଼ିଶା ସହେତେ ଝାଡ଼୍‌ଖଣ୍ଡ, ଆନ୍ଧ୍ରପ୍ରଦେଶ୍, ପଶ୍ଚିମବଙ୍ଗ୍, ତେଲେଙ୍ଗାନା, ମହାରାଷ୍ଟ୍ର ଆର୍ ବିହାର୍‌ର ୧୪ ଟା ଆକାଂକ୍ଷା ଆର୍ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର୍ ବିକାଶ୍‌ଥି ମଞ୍ଜୁରୀ ପାଇଥିବା ପ୍ରକଳ୍ପମାନେ ବଡ଼୍‌ଟେ ଭୂମିକା ନେବା । ଆଏବା ୨୦୩୦ -୩୧ ମସିହାତକ୍ ପୁରା ହେବାର୍‌କେ ଥିବାର୍ ଇ ପ୍ରକଳ୍ପ କାମ୍‌ଥି ୩ କୋଟି ଶ୍ରମ ଦିବସ୍‌ର ପ୍ରତ୍ୟକ୍ଷ

ନିଯୁକ୍ତି ସୃଷ୍ଟି ହେବା । ଇ ପ୍ରକଳ୍ପମାନ୍‌କର୍ ଜରିଆଥି ୬୪ ଟା ନୂଆଁ ରେଲ୍‌ଷ୍ଟେସନ୍ ତିଆର୍ ହେବା ଆର୍ ୯ ଶହ କିଲୋମିଟର୍ ରେଲ୍ ନେଟ୍‌ୱାର୍କ ବଢ଼୍‌ବା । ମଞ୍ଜୁରୀ ପାଇଥିବା ପ୍ରକଳ୍ପ ମାନ୍‌କର୍ ଭିତ୍‌ରେ ଓଡ଼ିଶାର୍ ଜୁନାଗଡ଼୍- ନବରଙ୍ଗ୍‌ପୁର୍, ଗୁଣୁପୁର-ଥେରୁବାଲି, ବାଦାମ୍‌ପାହାଡ଼୍- କେନ୍ଦୁଝର୍‌ଗଡ଼୍, ବାଙ୍ଗିରପୋଶି-ଗୋରୁମହିଷାଣୀ, ମାଲ୍‌କାନ୍‌ଗିରି-ପାଣ୍ଡୁରଙ୍ଗପୁରମ୍ ଭାୟା ଭଦ୍ରାଚଲମ୍ ଆର୍ ବୁଢ଼ାମରା-ଚକୁଳିଆ ପ୍ରକଳ୍ପ ରହିଥିବାର୍ ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ସୂଚନା ଦେଇଛନ୍ ।

ପି.ଏମ୍. ଆବାସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ସହରାଂଚଲ୍ ଅଧୀନ୍‌ଥି ୧ କୋଟି ଘର୍ ତିଆରିକେ ମଞ୍ଜୁରୀ ଦିଆଯାଇଛେ । ଇଥି ୧୦ ଲାଖ୍ କୋଟି ଟଙ୍କା ବିନିଯୋଗ୍ ହେବାର୍‌କେ ଥିବାର୍ ବେଲେ ସର୍‌କାର୍‌ଙ୍କର୍ ତର୍‌ଫୁ ୨ ଲାଖ୍ ୩୦ ହଜାର୍ କୋଟି ଟଙ୍କା ସବ୍‌ସିଡ଼ି ଦିଆଯିବା । ସେନ୍ତା ୨୦୨୪-୨୫ ନୁ ୨୦୨୮-୨୯ ଆର୍ଥିକ୍ ବଛରେ ପ୍ରଧାନ୍‌ମନ୍ତ୍ରୀ ଆବାସ

ଯୋଜ୍‌ନା ଗ୍ରାମୀଣ୍ ଅଧୀନ୍‌ଥି ୨ କୋଟି ଘର୍ ତିଆରି ଲାଗି କେବିନେଟ୍ ତର୍‌ଫୁ ମଞ୍ଜୁରୀ ଦିଆଯାଇଛେ ।

ଜାତୀୟ ରାଜପଥ ୬ ଥାକିଆ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ପୁରୀ-ଭୁବ୍‌ନେଶ୍ୱର୍ ୩ ଶହ ୧୬ ନମ୍ବର୍ ଆର୍ ବଡ଼ବିଲ୍ - ଚଣ୍ଡିଖୋଲ୍ ୬ ନମ୍ବର୍ ଜାତୀୟ ରାଜପଥ ୬ ଥାକିଆ ହେବା । ହେଥିର୍‌ଲାଗି ବିସ୍ତୃତ ଯୋଜନା ରିପୋର୍ଟ ଡିପିଆର୍ କାମ୍ ମୁଲ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଜାତୀୟ ରାଜପଥ ପ୍ରାଧିକରଣ୍‌କେ ଅନୁମତି ଦେଇଛନ୍ । ଇ ଦୁହି ରାଜପଥ ୬ ଥାକିଆ ହେବା ସଙ୍ଗେ ଇତାର୍ ଦୁହିଫାଲେ ୨ ଲେନ୍‌ର ସର୍ଭିସ୍ ରାସ୍ତା ଭିଲ୍ ହେବା ।

ହକି ଦଲ୍-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ପେରିସ୍ ଅଲମ୍ପିକ୍‌ସଥି ଭାରତୀୟ ପୁରୁଷ ହକି ଦଲର୍ ବ୍ରୋଞ୍ଜ୍ ପଦକ୍ ଜିତିଥିବାର୍‌ନୁ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ହକି ଖେଲାଲି ଆର୍ ଛୁଆମାନ୍‌କର୍ ସଙ୍ଗେ ବିଜୟ ଉତ୍ସବ୍ ମନେଇଛନ୍ । ମୁଖ୍ୟମନ୍ତ୍ରୀ

ଶ୍ରୀ ମାଝୀ କେକ୍ କାଟିକରି ଛୁଆମାନ୍‌କୁ ଖୁଆବାର୍ ସଙ୍ଗେ ଫୋନ୍‌ଥି ବିଜୟୀ ଭାରତୀୟ ଦଲର୍ ଖେଲାଲିମାନ୍‌କର୍ ସଙ୍ଗେ କଥା ହେଇକରି ସେମାନ୍‌କୁ ଅଭିନନ୍ଦନ୍ ଜନେଇଥିଲେ । ଉପସ୍ଥିତ୍ ଛୁଆମାନ୍‌କୁ ଉଦ୍‌ବୋଧନ୍ ଦେଇକରି 'ମୁଇଁ ତୁମର୍ ମାନ୍‌କର୍ ଭିତ୍‌ରେ ଝନେ ଝନେ ଅମିତ୍ ରୋହଦାସ, ଦୀପ୍ ଗ୍ରେସ୍ ଏକ୍କା, ଲାଜରୁସ୍ ବାର୍ଲା ଆର୍ ଦିଲ୍ଲୀପ୍ ର୍ଟିର୍କିଙ୍କୁ ଦେଖୁଛେ ବଲି ମୁଖ୍ୟମନ୍ତ୍ରୀ କହିଥିଲେ । ଇ ଅବ୍‌ସରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଉପସ୍ଥିତ୍ ଥିବାର୍ ବେଲେ ବଜା, ଫୁଟ୍‌କା ସହେତେ ଜୟ ଜଗନ୍ନାଥ ନାରାଥି ଷ୍ଟେଡ଼ିୟମ୍ କମ୍ପିଥିଲା ।

ହର୍‌ଘର୍ ତ୍ରିରଙ୍ଗା-ଜିଲ୍ଲାପାଲ୍-ବୈଠକ୍     ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍‌କେ ଜୋର୍‌ଦାର୍ କର୍‌ବାର୍‌କେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ଉନ୍ନୟନ୍ କମିଶନର୍ ଆର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀଙ୍କର୍ ସହେତେ ସବୁ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନେ ଆଭାସୀ ଜରିଏ ଜୁଡ଼ି ହେଇଥିଲେ ।

କଲାହାଣ୍ଡି ଜିଲ୍ଲାର୍ ସବୁ ଇଲାକା ନ ଆଏବା ୧୩ ନୁ ୧୫ ତାରିଖ୍‌ତକ୍ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ କରାଯିବାର୍‌କେ ଗଲାକାଏଲ୍ ଜିଲ୍ଲା ପରିଷଦ୍‌ର ମୁଖ୍ୟ ଉନ୍ନୟନ୍ ଅଧିକାରୀ ଦୟାମୟ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଆଏବା ୧୩ ତାରିଖ୍ ଦିନ ସଖାଲର୍ ସାଢ଼େ ୭ ବଜେ ଭବାନୀପାଟ୍‌ନା ନ ଗୁଟେ ବଡ଼ ତ୍ରିରଙ୍ଗା ଶୋଭାଯାତ୍ରା କର୍‌ବାର୍‌କେ ନିଷ୍ପତି ହେଇଛେ ।

ସମୃଦ୍ଧ କୃଷକ୍ ଯୋଜ୍‌ନା          ଆର୍‌ଏନ୍‌ୟୁ /ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ହେଇଥିବା ସଚିବସ୍ତରୀୟ ବୈଠକ୍‌ଥି ସମୃଦ୍ଧ କୃଷକ୍ ଯୋଜ୍‌ନା ବାବ୍‌ଦେ ଆଲୋଚନା ହେଇଛେ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପି-ପାସ୍ ଜରିଏ ଧାରିଜ୍ ସମିଆ ଭିତ୍‌ରେ ରବି ଆର୍ ଖରିଫ୍ ଧାନ୍ ସଂଗ୍ରହ ଠିକ୍ ପରିମାଣ୍‌ର ଟୋକନ୍ ସବୁ ଯୋଗ୍ୟ ଚାଷୀଙ୍କୁ ମିଲ୍‌ବାର୍ ସହେତେ ଚାଷୀମାନେ ଯେନ୍ତା ସର୍‌କାର୍ ଧାରିଜ୍ କରିଥିବା କ୍ୱିଂଟାଲ୍ ପିଛା ୩୧ ଶହ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାର୍‌ବେ ସେତାର୍ ଉପ୍‌ରେ ଜୋର୍

ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ ସର୍କାର୍ ରାଜ୍ୟ ବଜେଟ୍ଥି ସମୃଦ୍ଧ କୃଷକ୍ ଯୋଜ୍ନାର୍ ଲାଗି ୫ ହଜାର୍ କୋଟି ଟଙ୍କାର୍ ବ୍ୟୟବରାଦ୍ କରିଛନ୍ ।

ନିଟ୍-ପିଜି ପରୀକ୍ଷା        ଆର୍ଏନ୍ୟୁ /ସମ୍ବଲପୁର

ନିଟ୍-ପିଜି ପରୀକ୍ଷାର୍ ତାରିଖ୍ ଫେର୍ଘାଏ ଧାରିଜ୍ କର୍ବାର୍ ଲାଗି ହେଇଥିବା ଗୁଟେ ପିଟିସନ୍କେ ସୁପ୍ରିମ୍କୋର୍ଟ ଖାରଜ୍ କରିଛନ୍ । ଆଘୋନୁ ଧାରିଜ୍ ତାରିଖ୍ ଅନ୍ସାରେ ଆଏବା ୧୧ ତାରିଖ୍ ଦିନ ପରୀକ୍ଷା ହେବା ବଲି ମୁଖ୍ୟ ବିଚାର୍ପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କର୍ ନେତୃତ୍ୱଥି ହେଇଥିବା ସୁପ୍ରିମ୍କୋର୍ଟର୍ ୩ ଝନିଆ ଖଣ୍ଡପୀଠ କହିଛନ୍ ।

ପାଣିପାଗ/ହୀରାକୁଦ୍ ଜଲ୍ଭଣ୍ଡାର୍

ଆର୍ଏନ୍ୟୁ/ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଥିବାର୍ ବେଲେ ଆଏବାକାଏଲ୍ ସଖାଲ୍ତକ୍ ଝାର୍ସୁଗୁଡ଼ା ଆର୍ ସୁନ୍ଦରଗଡ଼୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷାକେ

ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଉପର୍‌ମୁଡ଼େ ବର୍ଷା ଲାଗି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ବଢୁଛେ । ସେଥିର୍‌ଲାଗି ଜଲ୍‌ଭଣ୍ଡାର୍‌ର ମୋଟ୍ ୧୪ ଟା ଗେଟ୍ ଖୁଲାଯାଇଛେ ।